# NATIONAL NEWS BULLETIN (ODIA)

**24 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସର୍ବୋଚ୍ଚ ଲେଖା ସଂସ୍ଥାନର ଷୋଡଶ ସଭାକୁ ଉଦ୍‌ଘାଟନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- କ୍ୱାଡ୍ ଶିଖର ସମ୍ମିଳନୀ ଏବଂ ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଜାମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଚୂଡାନ୍ତ ।
- ୫ ଦିନିଆ ଉଜ୍‌ବେକିସ୍ତାନ ଗସ୍ତରେ ଯାଇ ତାସ୍‌କନ୍ଦରେ ପହଞ୍ଚିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଏବଂ

- ଜାପାନରେ ୫ ଦଶମିକ ୯ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ।

---

## ପ୍ରେସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆକାଉଣ୍ଟସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସର୍ବୋଚ୍ଚ ଲେଖା ସଂସ୍ଥାନର ଏସିଆନ୍ ସଂଗଠନର ୧୬ତମ ସଭାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଦେଶର ସରକାରୀ ଆର୍ଥିକ

କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ଭାରତର ନିୟନ୍ତ୍ରକ ଓ ଅଡିଟର ଜେନେରାଲ -ସିଏଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେ କହିଛନ୍ତି ଯେ ଭାରତୀୟ ସମ୍ବିଧାନ ସିଏଜିପଦକୁ ବ୍ୟାପକ କ୍ଷମତା ଏବଂ ପୂର୍ଣ୍ଣ ସ୍ୱାଧୀନତା ଦେଇଛି। ସେ କହିଛନ୍ତି ସିଏଜିଙ୍କ କାର୍ଯ୍ୟାଳୟ ସମ୍ବିଧାନ ନିର୍ମାତାଙ୍କ ଆଶା ପୂରଣ କରିଛି। ଏହା ଏକ ଆଦର୍ଶ ନୈତିକ ଆଚରଣ ବିଧି ଅନୁସରଣ କରେ ଯାହା ଏହାର କାର୍ଯ୍ୟରେ ସର୍ବୋଚ୍ଚ ସ୍ତରର ସଚ୍ଚୋଟତାକୁ ସୁନିଶ୍ଚିତ କରିଥାଏ ।

ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ଅଡିଟ୍ ଏବଂ ଆକାଉଣ୍ଟିଂ ଏକ ପୁରୁଣା ବୃତ୍ତି ଏବଂ ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ମଧ୍ୟ ଉଲ୍ଲେଖ ଅଛି ଯେ ଆର୍ଥିକ ବିଚକ୍ଷଣତା ଏବଂ ଆର୍ଥିକ ସଚ୍ଚୋଟତା ଶାସନର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ଇଜିପ୍ଟ, ଗ୍ରୀସ୍ ଓ ରୋମର ସଭ୍ୟତାରେ ମଧ୍ୟ ସମାନ ଉଦାହରଣ ଦେଖିବାକୁ ମିଳେ ବୋଲି ସେ କହିଛନ୍ତି।

୪ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ସର୍ବୋଚ୍ଚ ଅଡିଟ୍ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା ହେବ।

# ପିଏମ୍-ରିଟର୍ଣ୍ଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଦିନିଆ ଆମେରିକା ଗସ୍ତ ସାରି ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ସେ ଡେଲାୱେରରେ ଷଷ୍ଠ କ୍ୱାଡ୍ ନେତା ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ଏବଂ ନ୍ୟୁୟର୍କରେ

ଜାତିସଂଘ ସାଧାରଣ ସଭାରେ ଭବିଷ୍ୟତ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ନ୍ୟୁୟର୍କରେ ଭାରତୀୟ ସମ୍ପ୍ରଦାୟର ଏକ ସମାବେଶକୁ ମଧ୍ୟ ଶ୍ରୀ ମୋଦୀ ସମ୍ବୋଧିତ କରିଥିଲେ ।

## ଜେକେ-ଇଲେକ୍ସନ

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନକୁ ଅବାଧ, ନିରପେକ୍ଷ ଓ ସୁରୁଖୁରୁରେ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ପର୍ଯ୍ୟାୟରେ ୬ଟି ଜିଲ୍ଲାର ୨୬ଟି ବିଧାନସଭା ଆସନ ପାଇଁ ମତଦାନ ହେବ। ଏହି ଜିଲ୍ଲାଗୁଡ଼ିକରେ ମୋଟ ୨୫ ଲକ୍ଷ ୭୮ ହଜାର ମତଦାତା ଦୁଇଶହ ଅଣଚାଳିଶ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ରାଜ୍ୟ କଂଗ୍ରେସ ମୁଖ୍ୟ ତାରିକ୍ ହମିଦ କରା ଏବଂ ଅପନି ପାର୍ଟି ଅଧ୍ୟକ୍ଷ ଅଲତାଫ ବୁଖାରୀ ପ୍ରମୁଖ ଅଛନ୍ତି।

ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୩ହଜାର ୫୦୨ଟି ମତଦାନ କେନ୍ଦ୍ର ସ୍ଥାପନ କରାଯିବା ସହ ୱେବକାଷ୍ଟିଂ ଓ ଭୋଟରଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ଗତକାଲି ସନ୍ଧ୍ୟାରେ ଏହି ପର୍ଯ୍ୟାୟ ପାଇଁ ପ୍ରଚାର ଶେଷ ହୋଇଥିଲା। କେନ୍ଦ୍ର ଶାସିତ ଅଞ୍ଚଳରେ ୩ଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେଉଛି। ଅକ୍ଟୋବର ୮ତାରିଖରେ ଭୋଟ୍ ଗଣତି ହେବ। ସେପ୍ଟେମ୍ବର ୧୮ ତାରିଖରେ ପ୍ରଥମ

ପର୍ଯ୍ୟାୟରେ ୬୧ ପ୍ରତିଶତ ମତଦାନ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ପହିଲାରେ ୪୦ଟି ବିଧାନସଭା ଆସନ ପାଇଁ ମତଦାନ ହେବ।

## ଜେକେ-କାଶ୍ମୀର ପଣ୍ଡିତ ଭୋଟର

ଜମ୍ମୁ-କଶ୍ମୀରରେ ଆସନ୍ତାକାଲି ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ୨୪ଟି ମତଦାନ କେନ୍ଦ୍ରରେ ୧୫ହଜାର ୫୦୦ରୁ ଅଧିକ ବିସ୍ଥାପିତ କାଶ୍ମୀର ପଣ୍ଡିତ ଭୋଟର୍ ଅଛନ୍ତି। ବିସ୍ଥାପିତ କଶ୍ମୀର ପଣ୍ଡିତମାନେ କେନ୍ଦ୍ରୀୟ କଶ୍ମୀରର ଶ୍ରୀନଗର, ବଡଗାମ୍ ଏବଂ ଗନ୍ଦେରବଲ ଜିଲ୍ଲାର ୧୫ଟି ବ୍ଲକରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟରେ ଜାମ୍ମୁ, ଉଧମପୁର ଓ ଦିଲ୍ଲୀର ୨୪ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ରରେ ୧୫ ହଜାର ୫୦୦ରୁ ଅଧିକ କାଶ୍ମୀର ପ୍ରବାସୀ ଭୋଟର ମତଦାନ କରିବେ। ମତଦାନ ପ୍ରକ୍ରିୟାର ତଦାରଖ କରୁଥିବା ରିଲିଫ୍ ଓ ଥଇଥାନ କମିଶନର ଅରବିନ୍ଦ କରୱାନୀ କହିଛନ୍ତି ଜାମ୍ମୁରେ ଏଭଳି ୧୪ହଜାର ୭୦୦ରୁ ଅଧିକ ପଞ୍ଜୀକୃତ ଭୋଟର ଅଛନ୍ତି। ସେମାନେ୧୯ଟି ମତଦାନ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ଦିଲ୍ଲୀର ୪ଟି ମତଦାନ କେନ୍ଦ୍ରରେ ୬୦୦ରୁ ଅଧିକ ପଞ୍ଜୀକୃତ କାଶ୍ମୀର ପ୍ରବାସୀ ଭୋଟର ମତଦାନ କରିବେ । ଉଧମପୁର ଜିଲ୍ଲାରେ ୩୫୦ରୁ ଅଧିକ ପଞ୍ଜୀକୃତ ଭୋଟର ମତଦାନ କରିବେ। ପୂର୍ବତନ

ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କଂଗ୍ରେସ ରାଜ୍ୟ ମୁଖ୍ୟ ତଥା ପୂର୍ବତନ ମନ୍ତ୍ରୀ ତାରିକ୍ ହମିଦ କରା, ଜମ୍ମୁ-କଶ୍ମୀର ବିଜେପି ସଭାପତି ରବୀନ୍ଦ୍ର ରୈନା, ଅପନି ପାର୍ଟି ମୁଖ୍ୟ ସୟଦ ଅଲତାଫ ବୁଖାରୀ, ମନ୍ତ୍ରୀ ଅଲ୍ଲୀ ମହମ୍ମଦ ସାଗର ଏବଂ ଅବଦୁଲରହିମ ରାଥେରଙ୍କ ଭାଗ୍ୟ ନିର୍ଦ୍ଧାର କରିବେ ୨୫ ଲକ୍ଷ ଅଣସ୍ତରୀ ହଜାରରୁ ଅଧିକ ଭୋଟର। ଏହି ନିର୍ବାଚନୀ ୪ ଜଣ କାଶ୍ମୀର ପଣ୍ଡିତ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ଶିବରାଜ-କିଷାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀରେ କୃଷକ ସଂଗଠନ ଗୁଡ଼ିକ ସହ ଆଲୋଚନା କରିଛନ୍ତି। ବୈଠକ ପରେ ଶ୍ରୀ ଚୌହାନ ଗଣମାଧ୍ୟମକୁ କହିଛନ୍ତି ଯେ ପ୍ରାୟ ୫୦ ଜଣ କୃଷକ ନେତା ତାଙ୍କୁ ଭେଟିଥିଲେ। ସେ କୃଷକଙ୍କ ପରାମର୍ଶ ଓ ସେମାନଙ୍କ ସମସ୍ୟା ଶୁଣିଥିଲେ। କୃଷି ମନ୍ତ୍ରୀ କହିଛନ୍ତି କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକମାନେ ହିଁ ଏହାର ଆତ୍ମା। ଶ୍ରୀ ଚୌହାନ କହିଛନ୍ତି ଯେ ଫସଲର ମୂଲ୍ୟ ଏବଂ ଫସଲ ବୀମା ବିଷୟରେ କୃଷକ ସଂଗଠନଗୁଡିକ ତାଙ୍କୁ ଅନେକ ପ୍ରସ୍ତାବ ଦେଇଛନ୍ତି ।

# ନିର୍ମଳା-ଉଜ୍‌ବେକିସ୍ତାନ

ଏସୀୟ ଭିତ୍ତିଭୂମି ପୁଞ୍ଜିନିବେଶ ବ୍ୟାଙ୍କର ପରିଚାଳନା ମଣ୍ଡଳୀର ନବମ ବାର୍ଷିକ ବୈଠକରେ ଯୋଗ ଦେବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉଜ୍‌ବେକିସ୍ତାନର ତାସ୍‌କନ୍ଦରେ ପହଞ୍ଚିଛନ୍ତି। ଆସନ୍ତାକାଲି ସେ ବୈଠକରେ ଯୋଗଦେବେ। ଭାରତ ହେଉଛି ଏହି ବ୍ୟାଙ୍କର ଦ୍ୱିତୀୟ ବୃହତ୍ତମ ସେୟାର ଧାରକ । ଏହି ବୈଠକରେ ପ୍ରମୁଖ ବିକାଶ ଏଜେଣ୍ଡାରେ ଥିବା ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଏହି ଗସ୍ତ କାଳରେ ସୀତାରମଣ ଭାରତ ଓ ଉଜ୍‌ବେକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ସ୍ୱାକ୍ଷର କରିବେ। ଏହି ଚୁକ୍ତିର ଉଦ୍ଦେଶ୍ୟ ହେଉଛି ଦୀର୍ଘମିଆଦୀ ଭିତ୍ତିରେ ଦୁଇ ଦେଶର ପାରସ୍ପରିକ ଲାଭ ପାଇଁ ବ୍ୟାପକ ଅର୍ଥନୈତିକ ସହଯୋଗକୁ ପ୍ରୋତ୍ସାହିତ କରିବା । ପାଞ୍ଚ ଦିନିଆ ଗସ୍ତରେ ସୀତାରମଣ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ସୌକତ ମିର୍ଜିୟୋୟେଭଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

ସୀତାରମଣ ଉଜ୍‌ବେକିସ୍ତାନ, କତାର ଏବଂ ଚୀନ୍‌ର ପ୍ରତିପକ୍ଷ ଏବଂ ଏସୀୟ ଭିତ୍ତିଭୂମି ପୁଞ୍ଜିନିବେଶ ବ୍ୟାଙ୍କର ଅଧ୍ୟକ୍ଷଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ କରିବେ। ବିଭିନ୍ନ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ସେ ଆଲୋଚନା କରିବେ।

# ଜାପାନ-ଭୂମିକମ୍ପ

ଜାପାନରେ ୫ ଦଶମିକ ୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହେବା ପରେ ଟୋକିଓର ଦକ୍ଷିଣ ଦ୍ୱୀପରେ ୫୦ ସେଣ୍ଟିମିଟର ଉଚ୍ଚତାର ସୁନାମି ଲହରୀ ସୃଷ୍ଟି ହୋଇଛି । ଭୂମିକମ୍ପ ପରେ ଜାପାନ ପାଣିପାଗ ବିଭାଗ ତୁରନ୍ତ ଇଜୁ ଓ ଓଗାସ୍ୱାରା ପାଇଁ ସୁନାମି ସତର୍କ ସୂଚନା ଜାରି କରିଥିଲା। ଏହାପରେ ପାଣିପାଗ ବିଭାଗ କହିଛି ଯେ ସୁନାମିର ସମ୍ଭାବନା ହ୍ରାସ ପାଇଛି । ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟାରେ ସତର୍କସୂଚନା ପ୍ରତ୍ୟାହାର କରିନିଆଯାଇଛି। ତେବେ ସମୁଦ୍ର ଜଳସ୍ତରରେ ଅସ୍ଥିରତା ଜାରି ରହିପାରେ ବୋଲି ପାଣିପାଗ ବିଭାଗ କହିଛି ।

ସ୍ଥାନୀୟ ସମୟ ସକାଳ ୮ଟା ୧୪ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଇଜୁ ଦ୍ୱୀପ ମାଳାର ତୋରିଶିମା ନିକଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ପ୍ରଶାନ୍ତ ମହାସାଗରଠାରୁ ପ୍ରାୟ ୧୦ କିଲୋମିଟର ଗଭୀରରେ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଥିଲା ।

# ଡବ୍ଲ୍ୟୁବି-ଡିରେଲ୍

ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲ୍ଲାର ମୈନାଗୁରୀ ରେଳ ଷ୍ଟେସନ ନିକଟରେ ଆଜି ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। କିଛି ବଗି ଇଞ୍ଜିନରୁ ଅଲଗା ହୋଇଥିବା ଜଣାପଡିଛି। ଏଥିରେ କେହି ମୃତାହତ

ହୋଇନାହାନ୍ତି । ମାଲବାହୀ ଟ୍ରେନଟି ପଡ଼ୋଶୀ ରାଜ୍ୟ ଆସାମରୁ ନିଉ ଜଲପାଇଗୁଡ଼ି ଷ୍ଟେସନ ଏନ୍‌ଜେପିକୁ ଯାଉଥିଲା । ଦୁର୍ଘଟଣାର ତଦନ୍ତ କରାଯିବ ବୋଲି ଡିଭିଜନାଲ ରେଲୱେ ମ୍ୟାନେଜର ଅମରଜିତ ଗୌତମ କହିଛନ୍ତି। ଲାଇନଚ୍ୟୁତ ହେବା କାରଣରୁ କିଛି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି ।

## କେରଳ-ହାଇକୋର୍ଟ

କେରଳ ହାଇକୋର୍ଟ ମାଲାୟାଲମ ଅଭିନେତା ସିଦ୍ଦିକଙ୍କ ବିରୋଧରେ ହୋଇଥିବା ଦୁଷ୍କର୍ମ ମାମଲାରେ ତାଙ୍କୁ ଆଗୁଆ ଜାମିନ ଦେବାକୁ ମନା କରିଦେଇଛନ୍ତି। ୨୦୧୬ମସିହାରେ ଏକ ସରକାରୀ ହୋଟେଲରେ ତାଙ୍କ ବିରୋଧରେ ଜଣେ ଅଭିନେତ୍ରୀ ଆଣିଥିବା ଦୁଷ୍କର୍ମ ଅଭିଯୋଗ ଆଧାରରେ ସିଦ୍ଦିକିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗତ ମାସରେ ପ୍ରକାଶିତ ହେମା କମିଟି ରିପୋର୍ଟ ପରେ ପୂର୍ବତନ ଅଭିନେତ୍ରୀ ତାଙ୍କ ଅଭିଯୋଗ ଆଣିଥିଲେ ଏବଂ ମାଲାୟାଲମ ଚଳଚ୍ଚିତ୍ର ଜଗତର ମହିଳାଙ୍କ ଦୟନୀୟ ଅବସ୍ଥାକୁ ସାମ୍ନାକୁ ଆଣିଥିଲେ। ସେବେଠାରୁ ମାଲାୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ବିରୋଧରେ ଅଭିନେତ୍ରୀମାନେ କ୍ରମାଗତ ଅଭିଯୋଗ କରିଆସୁଛନ୍ତି।

ନିକଟରେ ଆସୋସିଏସନ୍ ଅଫ୍ ମାଲାୟାଲମ ମୁଭି ଆର୍ଟିଷ୍ଟସ୍‌ର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ସିଦ୍ଦିକି ଏହି ପଦରୁ ଇସ୍ତଫା ଦେଇଛନ୍ତି। ଏହାପରେ ସଭାପତି ମୋହନଲାଲଙ୍କ ଅଧ୍ୟକ୍ଷତାରେ ଗଠିତ ପୂରା କମିଟି ମଧ୍ୟ ଇସ୍ତଫା ଦେଇଥିଲେ। ସିଦ୍ଦିକ ଦୃଢ଼ ଭାବରେ ନିଜର ଆଭିମୁଖ୍ୟ ରଖିଥିଲେ ଯେ ଅଭିନେତ୍ରୀ ୨୦୧୯ ରୁ ସୋସିଆଲ

ମିଡିଆରେ ବାରମ୍ବାର ଦାବି କରି ତାଙ୍କୁ ହଇରାଣ କରୁଛନ୍ତି ଏବଂ ହେମା କମିଟି ରିପୋର୍ଟ ପ୍ରକାଶ ପାଇବା ପରେ ସେ ଦୁଷ୍କର୍ମର ଅଧିକ ଗମ୍ଭୀର ଅଭିଯୋଗ ଆଣିଥିଲେ ।

ପୂର୍ବତନ ଅଭିନେତ୍ରୀମାନେ କିପରି ଶୋଷଣର ଶିକାର ହୋଇଥିଲେ ତାହା ପ୍ରକାଶ କରିବା ପରେ ପୋଲିସ ବିଭିନ୍ନ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ବିରୋଧରେ ୧୧ଟି ଏତଲା ରୁଜୁ କରିଛି ।